# Akashvani, Sambalpur

# SAMBALPURI NEWS MORNING BULLETIN

## 27 March 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ସମୀକ୍ଷା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ପଶ୍ଚିମ ଏସିଆ ନ ଲାଗି ରହିଥିବା ପରିସ୍ଥିତି ଲାଗି ଭିନ୍ ଭିନ୍ ଅତ୍ୟାବଶ୍ୟକ୍ ଦରବ୍ର ମହଜୁଦ୍‌କେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିଛନ୍ । ଖାସ୍ କରି ପରିସ୍ଥିତିର୍ ଫାଏଦା ନେଇକରି ଅତ୍ୟାବଶ୍ୟକ୍ ଦରବ୍ର କୃତ୍ରିମ ଅଭାବ୍ ସମସ୍ୟାର୍ ମୁକାବିଲା ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଆୟାଉଥିବା ପଦକ୍ଷେପ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ରାଏଜେ ଇହାଦେ ଦର୍‌କାର୍ ହିସାବେ ଭର୍‌ପୁର୍ ଗେସ୍ ଆଉ ଇନ୍ଧନ୍ ଅଛେ । ରବି ଚାଷ୍ ଲାଗି ଭର୍‌ପୁର୍ ମାତ୍ରାଥି ସାର୍ ଭିଲ୍ ମହଜୁଦ୍ ଅଛେ । ଇନ୍ଧନ୍ କି ସାର୍‌ର ଅଭାବ୍‌କେ ନେଇକରି କେନ୍‌ସି ଭିଲ୍ ଗୁଜବ୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ଇତାର୍‌ସହେତେ କୃତ୍ରିମ ଅଭାବ୍ ପରିସ୍ଥିତି ସୃଷ୍ଟି କଲେ ଅସାଧୁ ବ୍ୟବସାୟୀ ମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ରନ୍ଧାଗେସ୍-ସମୀକ୍ଷା       ଆଇ ଆଣ୍ଡ୍ ପି.ଆର୍

ରାଏଜେ ରନ୍ଧା ଗେସ୍ ଆଉ ଇନ୍ଧନ ଯୋଗାଣ ଥିତି ଆଉ ଆଏବା ପ୍ରସ୍ତୁତିକେ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ ସଙ୍କଟ ପରିଚାଲନା ଗୋଷ୍ଠୀର୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିକରି କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଇଛ୍‌ନିର୍ ସମିଆଥି ସତର୍କତାର୍ ସହେତେ ସଭେ ମିଳିମିଶି ଇତାର୍ ମୁକାବିଲା କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଜୋର୍ ଦେଇଥିଲେ ।

ରାମ୍‌ନଅମୀ          ଆର୍‌ଏନ୍‌ୟୁ ସମ୍ବଲପୁର/ ପୁରୀ ସମ୍ବାଦଦାତା

ଆଏଜ୍ ପବିତ୍ର ରାମ୍‌ନଅମୀ । ପୁରାଣ୍ ଅନ୍‌ସାରେ ଭଗବାନ୍ ବିଷ୍ଣୁଙ୍କର୍ ୭ ନମ୍ବର୍ ଅବତାର୍ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଚଇତ୍ ନବରାତ୍ରର୍ ଶେଷ୍ ଦିନେ ନଅମୀ ତିଥିଥି ପୁର୍‌ଥି ନ ଜନମ୍ ନେଇଥିଲେ । ସତ୍ୟ, ନ୍ୟାୟ, ଦୟା, କ୍ଷମା, ସଂଯମ ଆର୍ ତ୍ୟାଗର ଅବତାର ପ୍ରଭୁ ଶ୍ରୀରାମଙ୍କର୍ ଜନମ୍‌ଦିନ୍‌କେ ହଜାର୍ ହଜାର୍ ବଛର୍ ହେଲା ରାମ୍‌ନଅମୀ ଭାବେ ପାଲନ୍ କରାଯାଉଛେ ।

ପୁରୀ ଶ୍ରୀମନ୍ଦିର୍ ସହେତେ ଦେଶ୍ ଆର୍ ରାଜ୍ୟର୍ ରାମ୍ ମନ୍ଦିର୍‌ମାନ୍‌କେ ପ୍ରଭୁ ଶ୍ରୀରାମଙ୍କର୍ ପୂଜା ଅର୍ଚ୍ଚନା କରାଯିବା । ପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରାମ ଅବତାର ଲୀଳାର ଅଂଶ ବିଶେଷ 'ସାହିଜାତ' ଆଏଜ୍‌ଠାନୁ ମୁଲ୍ ହେବା । ଇତାର୍‌ସହେତେ ଶ୍ରୀମନ୍ଦିର୍ ନ ପରମ୍ପରା ଅନ୍‌ସାରେ ଶ୍ରୀରାମ ଜନ୍ମନୀତି ପାଲନ୍ କରାଯିବା । ମଧ୍ୟାହ୍ନ ଧୂପ ଭୋଗ ନୀତି ଉଠ୍‌ବାର୍‌ନୁ ଶ୍ରୀରାମ ଜନମ୍ ନୀତି ଶେଷ୍ ହେବାର୍ ତକ୍ ସଞ୍ଜବେଲର୍ ୫ ବଜେନୁ ରାତିର୍ ୧୦ ବଜେତକ୍ ଶ୍ରୀମନ୍ଦିର ନ ସର୍ବସାଧାରଣ ଦର୍ଶନ୍ ଆଏଜ୍ ବନ୍ଦ ରହେବା ।

ସେନ୍ତା ଶ୍ରୀଜୀଉମାନ୍‌କର୍ ରଥଯାତ୍ରା ଲାଗି ରଥ୍‌କାଠ ଚିର୍‌ବାର୍‌ଟା ଆଏଜ୍‌ଠାନୁ ମୁଲ୍ ହେବା ।

ସମ୍ବଲ୍‌ପୁର୍ ରାମନଅମୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାମ୍‌ନଅମୀ ଅବ୍‌ସରେ ସମ୍ବଲ୍‌ପୁର୍ ସହରେ ଭିଲ୍ ଗହଲ୍‌ଚହଲ୍ ବଢ଼ିଯାଇଛେ । ହନୁମାନ୍ ଜୟନ୍ତୀ ସମନ୍ୱୟ ସମିତି ଆର୍ ଶ୍ରୀରାମ ଜନ୍ମୋତ୍ସବ୍ ସମିତି ତର୍‌ଫୁ ଆଏଜ୍ ଗୁଟେ ଶୋଭାଯାତ୍ରା କ୍ଷେତ୍‌ରାଜ୍‌ପୁର୍ ଷ୍ଟେସନ୍ ପାଖୁ ବାହାର୍‌ବା । ଇଥିର୍‌ଲାଗି ପୁଲିସ୍ ଆଉ ପ୍ରଶାସନ୍ ତର୍‌ଫୁ କଡ଼ା ବ୍ୟବସ୍ଥା କରାଯାଇଛେ । ସାରା ସହର୍ ପୁଲିସ୍ ଛାଉଣୀ ପାଲ୍‌ଟି ଥିଲା ବେଲ୍‌କେ ସମ୍ବେଦନ୍‌ଶୀଲ୍ ଜାଗା ମାନ୍‌କେ ଡ୍ରୋନ୍ ଆର୍ ସିସିଟିଭି କେମ୍‌ରା ଜରିଏ ନଜର୍ ରଖାଯାଇଛେ । ଇ ଅବ୍‌ସରେ ସହରେ ୩୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ

କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଛାତ୍ରଛାତ୍ରୀ-ସ୍କୁଲ୍ ପୋଷାକ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରାଛୁଟି ଆଘୋନୁ ସବୁ ସର୍‌କାରୀ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ସ୍କୁଲ୍ ପୋଷାକ୍ ଯୁଗେଇ ଦେବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗଲାକାଏଲ୍ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।ଇ ବାବ୍‌ଦେ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ବିଶ୍ୱ ନାଟ୍ୟ ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ନାଟକ୍‌ର ମୂଲ୍ୟ ଆଉ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ନାଟ୍ୟ ଦିବସ୍ । ଆନ୍ତର୍ଜାତୀୟ ଥିଏଟର୍ ପ୍ରତିଷ୍ଠାନ୍ ତର୍‌ଫୁ ୧୯୬୧ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ନାଟ୍ୟ ଦିବସ୍ ଭାବେ ପାଳନ୍ କର୍‌ବାର୍‌କେ ଧାରିଜ୍ କରାଯାଇଥିଲା । ନାଟକ ଆଉ ଶାନ୍ତିର ସଂସ୍କୃତି ବାର୍ତା ନେଇକରି ଇ ବଛର୍ ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ ।

ଅଗ୍ନିବୀର ପରାମର୍ଶ ସେବା କାର୍ଯ୍ୟକ୍ରମ        ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ଅଗ୍ନିବୀର ପରାମର୍ଶ ସେବା କାର୍ଯ୍ୟକ୍ରମ୍ ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଗୋପାଲ୍‌ପୁର୍ ସେନାନିଯୁକ୍ତି କାର୍ଯ୍ୟାଳୟର୍

ସେନା ଅଧିକାରୀ ସୁବାସ୍ ଘୋଷ୍ ଆଉ ଜିଲ୍ଲା କର୍ମ ନିୟୋଜନ ସଂସ୍ଥାର୍ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ଆର୍ଥିକ ଅନ୍ତର୍ଭୁକ୍ତି ଶିବିର        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ନ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଡାକସେବା ବିଭାଗ୍ ତର୍ଫୁ ଆର୍ଥିକ୍ ସାକ୍ଷରତା ଆଉ ଆର୍ଥିକ ଅନ୍ତର୍ଭୁକ୍ତି ଶିବିର ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଆର୍ଥିକ୍ ସାକ୍ଷରତା, ସାଇବର୍ ଅପରାଧ୍ ବାବ୍ଦେ ଛାତ୍ରଛାତ୍ରୀମାନ୍କୁ ସଚେତନ୍ କରିଥିଲେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ହପ୍ତେତକ୍ କାଲ୍ବୈଶାଖୀର୍ ପ୍ରଭାବ୍ଥି ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ । କିଛି ଜାଗା ନ କରାମାଡ଼୍ ଭିଲ୍ ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍

ତର୍ଫୁ ସୂଚ୍ନା ଦିଆଯାଇଛେ । ଆଏବା ୧ ତାରିଖ୍ ଭିତ୍ରେ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଉତର୍ ଓଡ଼ିଶା ଉପ୍ରେ ଗୁଟେ ଘୂର୍ଣ୍ଣିବଳୟ ବନ୍ବାର୍ ସମ୍ଭାବନା ରହିଛେ ।